# Akashvani, Sambalpur

## SAMBALPURI NEWS MORNING BULLETIN

## 14 July 2026 - 6.47- 6.52 am.

---

ନବଯୌବନ ଦର୍ଶନ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଶ୍ରୀକ୍ଷେତ୍ର ପୁରୀ ନ ଚତୁର୍ଦ୍ଧାମୂର୍ତ୍ତି- ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଆଏଜ୍ ନବଯୌବନ୍ ବେଶଥି  ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ୨୦୧୯ ମସିହା ଉତ୍‌ରୁ ଇଥର ଭିଲ୍ ଚତୁର୍ଦ୍ଦଶୀ କ୍ଷୟ ଲାଗି ଦିନ୍ ରାତି ମିଶେଇକରି ବହୁତ୍‌ଟେ ନୀତିକାନ୍ତି ରହିଛେ । ଇତାକେ ନଜର୍‌ଥି ରଖିକରି ନବଯୌବନ ଦର୍ଶନ୍ ସମିଆକେ କମ୍ କରାଯାଇଛେ । ଆଘର୍ ଧାରିଜ୍ ନୀତିକାନ୍ତି ଅନ୍‌ସାରେ ଖାଲି ୨ ଘଂଟା ଦର୍ଶନ୍ ବ୍ୟବସ୍ଥା ରହିଛେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ସଖାଲର୍ ୯ ବଜେ ଶ୍ରୀନଅର୍‌କେ ଖଡ଼ିପ୍ରସାଦ ବିଜେ ହେବା । ପଛେ ବନକଲାଗି, ଚକାଅପସର ହେଇକରି ଦିନର୍ ୧୨ ବାଜିକରି ୧୫ ମିନିଟ୍‌ଥି ମଙ୍ଗଳଆଲ୍‌ତୀ, ମଇଲମ ଆଉ ଅବକାଶ ନୀତି ହେବା । ଦିନର୍ ୧

ବାଜିକରି ୧୫ ମିନିଟ୍‌ଥି ଦଶଅବତାର ମାହାପୁରୁ ବାହୁଡ଼ା ବିଜେ କର୍‌ବେ । ଦିନର୍ ଦେଢ଼୍ ବଜେ ତାଟି ଫିଟାୟିବା । ଶ୍ରୀମନ୍ଦିରର ଭିତର୍ କାଠ ପାଖୁ ୨ ବଜେ ପରିମାଣିକ ଦର୍ଶନ୍ ଆଉ ଅଢ଼େଇ ବଜେ ଉତ୍‌ରୁ ସର୍ବସାଧାରଣ୍ ଦର୍ଶନ୍ ମୁଲ୍ ହେବା ବଲି ସୂଚ୍‌ନା ମିଲିଛେ । ଆଏଜ୍ ନବୟୌବନ ଦର୍ଶନ୍ ସହେତେ ନେତ୍ରୋସ୍ବବ ଭିଲ୍ ହେବା । ଇଥିର୍‌ଲାଗି ଶ୍ରୀମନ୍ଦିର୍ ଭିତ୍‌ରେ ଆଉ ବାହାରେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାୟାଇଛେ ।

ରଥୟାତ୍ରା- ସ୍ୱାସ୍ଥ୍ୟସେବା ହି.ସ.

ପବିତ୍ର ରଥୟାତ୍ରା ଅବ୍‌ସରେ ମାହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଦର୍ଶନ୍ ଲାଗି ଆସୁଥିବା ଭକ୍ତମାନ୍‌କର୍ ସୁରକ୍ଷା ଆଉ ଉନ୍ନତ୍ ସ୍ୱାସ୍ଥ୍ୟସେବାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାୟାଇଛେ । କେନ୍‌ସି ଭିଲ୍ ଜରୁରୀକାଲୀନ୍ ପରିସ୍ଥିତିର୍ ମୁକାବିଲା ଲାଗି ୨ ଶହ ୩୦ ଝନ୍ ଏମ୍‌ବିବିଏସ୍ ଡାକ୍ତର୍ ଆଉ ୬୬ ଝନ୍ ବିଶେଷଜ୍ଞ ଡାକ୍ତର୍‌ଙ୍କୁ ନିୟୋଜିତ୍ କରାୟାଇଛେ । ସେନ୍ତା ୨ ଶହ ଝନ୍ ନର୍ସିଂ ଅଫିସର୍

ଆଉ ୨ ଶହ ୨୯ ଝନ୍ ପାରା ମେଡ଼ିକାଲ୍ କର୍ମଚାରୀ ଭିଲ୍ ଭିନ୍ ଭିନ୍ ଜାଗା ନ ମୁତୟନ୍ ଅଛନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍ନା ଦେଇଛନ୍ ।

କେନ୍ଦୁପତ୍ର ତୋଲାଲି ବୋନସ୍        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଲାଖ୍ ଲାଖ୍ କେନ୍ଦୁପତ୍ର ତୋଲାଲି, ବନ୍ଧାଲି ଆଉ ଋତୁକାଲୀନ କର୍ମଚାରୀ ମାନ୍କର୍ କଲ୍ୟାଣ୍ ଲାଗି ସେମାନ୍କର୍ ବୋନସ୍ ଆଉ ପ୍ରୋତ୍ସାହନ୍ ରାଶିକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ଇତାର୍ସହେତେ କେରି ଆଉ ଫାଲର ଦାମ୍ ଭିଲ୍ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ କେରି ପିଛା ଦାମ୍କେ ୧୦ ପଏସା ଆଉ ଫାଲ ପିଛା ୨୦ ପଏସା ବଢ଼ାଯାଇଛେ । ଇଥିର୍ଲାଗି ରାଜ୍ୟ ସର୍କାର୍ ୧୦ କୋଟି ୭୮ ଲାଖ୍ ଟଙ୍କା ଖର୍ଚ୍ଚା କର୍ବେ । ସେନ୍ତା ତୋଲାଲିମାନ୍କୁ ୨୫ ପ୍ରତିଶତ୍ ବୋନସ୍ ଆଉ ବନ୍ଧାଲି ଆଉ ଋତୁକାଲୀନ କର୍ମଚାରୀ ମାନ୍କୁ ୫ ପ୍ରତିଶତ୍ ପ୍ରୋତ୍ସାହନ୍ ଟଙ୍କା ଦିଆଯିବା ।

ସଫେଇ ମିତ୍ର ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସଫେଇ ମିତ୍ରମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜାନବାର୍ ଆଉ ସୁରକ୍ଷିତ୍ ଆଉ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକେ ତହଁକାବାର୍ ଲାଗି ଆଏଜ୍ ରାଜ୍ୟର୍ ସବୁ ସହରାଂଚଲ୍, ସ୍ଥାନୀୟ ସଂସ୍ଥା ନ ‘ନମସ୍ତେ’ ଦିବସ ପାଲନ୍ କରାଯିବା । ଇ ବାବ୍‌ଦେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ସବୁ ମହାନଗର୍ ନିଗମ୍, ପୌରପାଳିକା ଆଉ ବିଜ୍ଞପିତ ଅଂଚଳ ପରିଷଦ୍‌କେ ନିର୍ଦ୍ଦେଶ୍ ଜାରି କରାଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରଣାଳୟ ଆର୍ ଗୃହ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଉଛେ ।

ଗୋପବନ୍ଧୁ ଦାସ୍- ଶ୍ରାଦ୍ଧବାର୍ଷିକୀ ଆର୍ଏନ୍ୟୁ/ ସମ୍ବଲପୁର

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ୍‌ଙ୍କର୍ ଆଏଜ୍ ହେଉଛେ ଶ୍ରାଦ୍ଧବାର୍ଷିକୀ । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ଆଉ ବିଧାନ୍‌ସଭା ପରିସର୍ ନ ତାଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍

କରାଯିବାର୍ ସହେତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମାନ୍ ହେଉଛେ । ବିଧାନ୍‌ସଭା ପରିସର୍ ନ ସଖାଲର୍ ୯ ବାଜିକରି ୫୦ ମିନିଟ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ, ବିଧାୟକ୍‌ଙ୍କର୍ ସହେତେ ବହୁତ୍‌ଟେ ବ୍ୟକ୍ତିବିଶେଷ୍ ଉପସ୍ଥିତ୍ ରହିକରି ଗୋପବନ୍ଧୁଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କର୍‌ବେ ।

ଶ୍ରୀଜଗନ୍ନାଥଙ୍କର୍ ଭୂ-ସମ୍ପତି ଆଇ ଆଣ୍ଡ୍ ପି.ଆର୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଭୂ-ସମ୍ପତିର୍ ସୁରକ୍ଷା ସଠିକ୍ ରେକର୍ଡ଼ ସଂରକ୍ଷଣ୍ ଆଉ ସଫଲ୍ ପରିଚାଳନା ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ସବୁ ରାଜସ୍ୱ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଜାରି କରାଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ରାଜସ୍ୱ ପର୍ଷଦ୍, ସବୁ ଆର୍‌ଡିସି, ଜିଲ୍ଲାପାଲ୍ ଆର୍ ସର୍ଭେ ନିର୍ଦ୍ଦେଶକଙ୍କୁ ଚିଠି ଲେଖିକରି ତୁରତି ପଦକ୍ଷେପ୍ ନେବାର୍‌କେ କହିଛନ୍ । ନିର୍ଦ୍ଦେଶ୍ ଅନ୍‌ସାରେ ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର୍ ସହେତେ ୯ ଟା ଜିଲ୍ଲା

ନ ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍ ତର୍ଫୁ ଦାଖଲ୍ ହେଇଥିବା ୧୧ ହଜାର୍ ୬ ଶହ ୭୫ ଟା ଅଲ୍‌ଗା ଅଲ୍‌ଗା ରାଜସ୍ୱ ମାମ୍‌ଲା ନୁ ଓଡ଼ିଶା ଇଷ୍ଟେଟ୍‌ସ୍ ଏବୋଲିସନ୍ ଆଇନ୍‌ର ଧାରା -୭ - ଏ ଅନ୍‌ସାରେ ୨ ଶହ ୭୫ ଟା ମାମ୍‌ଲାର୍ ତୁରତି ଫଇସଲା କରାଯାଇଛେ ।

ଯୁବ ରେଡ଼କ୍ରସ୍ କାର୍ଯ୍ୟକାରିଣୀ ବୈଠକ ଆଇ ଆଣ୍ଡ୍ ପି.ଆର୍

ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ଭୁବ୍‌ନେଶ୍ୱର୍ ରେଡ଼କ୍ରସ୍ ଭବନ୍ ଠାନେ ଯୁବ ରେଡ଼କ୍ରସ୍ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍ ହେଇଯାଇଛେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ରାଜ୍ୟର୍ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କେ ଥିବା ଯୁବ ରେଡ଼କ୍ରସ୍ ୟୁନିଟ୍‌ର କାମ୍ କାଜ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ସ୍ୱେଚ୍ଛାସେବୀ ମାନ୍‌କର୍ ଦକ୍ଷତା ବିକାଶ୍, ରକ୍ତଦାନ୍ ଶିବିର୍, ନିଶାମୁକ୍ତ ଅଭିଯାନ୍, କେମ୍ପସ୍ ସ୍ୱଚ୍ଛତା, ସଡ଼କ୍ ସୁରକ୍ଷା, ଅଗ୍ନି ନିରାପତା ଆଉ ପରିବେଶ୍ ସୁରକ୍ଷା ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ସୂରଜ୍ ପରାମର୍ଶ ଦେଇଛନ୍ ।

ପଞ୍ଜିକରଣ          ଆଇ ଆଣ୍ଡ୍ ପି.ଆର୍

ସର୍କାର୍ଙ୍କର୍ ଡିଜିଟାଲ୍ କୃଷି ଅଧୀନ୍‌ଥି ଏଗ୍ରିଷ୍ଟେକ୍ କୃଷକ୍ ପଞ୍ଜିକରଣ୍ ପ୍ରକ୍ରିୟା ଜାରି ରହିଛେ । ସିଏମ୍ କିଷାନ୍ ଆଉ ପିଏମ୍ କିଷାନ୍ ହିତାଧିକାରୀମାନେ ଇଥିର୍‌ଲାଗି ପଞ୍ଜିକୃତ୍ ହେବାର୍‌ଟା ଜରୁରୀ ଆଏ ବଲି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ । ପଞ୍ଜିକରଣ୍ ଲାଗି ଆଧାର୍‌କାର୍ଡ୍, ଆଧାର୍‌ଥି ଥିବା ମୋବାଇଲ୍ ନମ୍ବର୍, ନିଜର୍ ନାଁଥି ଥିବା ଜମି ପଟ୍ଟା ଜରୁରୀ ଆଏ । ପଞ୍ଜିକରଣ୍ କର୍‌ବାର୍ ଲାଗି ପାଶେ ଥିବା ଜନସେବା କେନ୍ଦ୍ର, ପଂଚାୟତ୍‌ସ୍ତର୍ ନ ନିଯୁକ୍ତ ହେଇଥିବା ସହାୟକ୍, ଗ୍ରାମ୍‌ପଂଚାୟତ୍ ସ୍ତରୀ କୃଷକ୍ ପଞ୍ଜିକରଣ୍ କେମ୍ପ୍‌କେ ଯୋଗାଯୋଗ୍ କର୍‌ବାର୍ ଲାଗି ପରାମର୍ଶ ଦିଆଯାଇଛେ । ଅଏତ୍‌କା ସୂଚ୍‌ନା ଲାଗି ଟୋଲ୍‌ଫ୍ରି ନମ୍ବର୍ ୧୫୫-୩୩୩ ନମ୍ବର୍‌ଥି ଯୋଗାଯୋଗ୍ କର୍‌ବାର୍‌କେ କୁହାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଇଲାକା ନ ଆଏବା ୨୦ ତାରିଖ୍‌ତକ୍ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଦକ୍ଷିଣ ପଶ୍ଚିମ ମୌସୁମୀ ରାଏଜେ ସକ୍ରିୟ ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ । ସେଆଡ଼େ ବୌଦ୍ଧ, ସୁବର୍ଣ୍ଣପୁର୍ ସହେତେ ୯ ଟା ଜିଲ୍ଲାର୍ ଗୁଟେ, ଜୁଡ଼େ ଜାଗା ନ ଅତି ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।